# Akashvani, Sambalpur

## SAMBALPURI NEWS EVENING BULLETIN

## 24 April 2026-7.02- 7.12 pm.

---

୧- ପଂଚାୟତିରାଜ୍ ଦିବସ୍ ଅବ୍ସରେ ଆଏଜ୍ ଅନ୍ତ୍ୟୋଦୟ ଗୃହ ଯୋଜ୍ନାର୍ ୫୦ ହଜାର୍ନୁ ଅଏତ୍କା ହିତାଧିକାରୀଙ୍କୁ କାର୍ଯ୍ୟାଦେଶ୍ ବାଂଟ୍ବେ ମୁଖ୍ୟମନ୍ତ୍ରୀ ।

୨- ଓଡ଼ିଶାକେ ଜ୍ଞାନ ଆଧାରିତ୍ ଅର୍ଥନୀତି କର୍ବାର୍ ଉପ୍ରେ ଜୋର୍ ଦଉଛନ୍ ସର୍କାର୍ ।

୩- ଗ୍ରୀଷ୍ମଲହରୀକେ ନଜର୍ଥି ରଖିକରି ଆଏବା ସୋମ୍ବାର୍ଠାନୁ ସବୁ ବିଦ୍ୟାଳୟକେ ଛୁଟି ଘୋଷ୍ନା କଲେ ରାଜ୍ୟ ସର୍କାର୍ ।

ଆଉର୍

୪- ଗ୍ରୀଷ୍ମପ୍ରବାହ ଆଉ ଗୁଲ୍ଗୁଲି ବଢ଼୍ବା ବଲି ୧୩ ଟା ଜିଲ୍ଲାକେ ସତର୍କ ସୂଚ୍ନା ଜାରି କଲା ପାଣିପାଗ୍ କେନ୍ଦ୍ର ।

ଜାତୀୟ ପଂଚାୟତିରାଜ୍ ଦିବସ୍      ଆର୍ଏନ୍ୟୁ/ କଟକ୍

ପଂଚାୟତିରାଜ୍ ସଂସ୍ଥାମାନ୍‌କୁ ଅଏତ୍‌କା ବର୍‌କସ୍ କର୍‌ବାର୍ ସହେତେ ଲୋକ୍‌ମାନ୍‌କୁ ବିକାଶ୍‌ମୂଲକ୍ କାମ୍‌ଥି ଭାଗିଦାରୀ ସୁନିଶ୍ଚିତ୍ କର୍‌ବାର୍‌କେ ନେଇକରି ଦେଶେ ଆଏଜ୍ ଜାତୀୟ ପଂଚାୟତିରାଜ୍ ଦିବସ୍ ପାଲନ୍ କରାଯାଉଛେ । ୧୯୯୩ ମସିହାଥି ଭାରତୀୟ ସମ୍ବିଧାନ୍‌ର ୭୩ ନମ୍ବର୍ ସଂଶୋଧନ୍ ପଂଚାୟତ୍‌ରାଜ୍ ଦିବସ୍‌କେ ସାମ୍ବିଧାନିକ୍ ମର୍ଯ୍ୟାଦା ଦେଇଥିଲେ । ୨୦୧୦ ମସିହା ଏପ୍ରିଲ୍ ୨୪ ତାରିଖ୍‌ନୁ ଜାତୀୟ ପଂଚାୟତିରାଜ୍ ଦିବସ୍ ପାଲନ୍ କରାଯାଇଛେ । ଇଥିର୍‌ଲାଗି ଇଲାକାର୍ ଅଧିବାସୀମାନ୍‌କର୍ ସକ୍ରିୟ ସହଯୋଗ୍‌ଥି ତୃଣମୂଳସ୍ତର୍ ନୁ ଗଣତନ୍ତ୍ରର୍ ଥାପ୍‌ନା ସହେତେ ରାଷ୍ଟ୍ରନିର୍ମାଣ୍‌ଥି ତ୍ରିସ୍ତରୀୟ ପଂଚାୟତିରାଜ୍ ବ୍ୟବସ୍ଥା ଗୁରୁତ୍ୱପୂର୍ଣ୍ଣ ଭୂମିକା ନଉଛେ ।

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ବଲାଙ୍ଗିର୍ ଗାନ୍ଧୀ ଷ୍ଟାଡ଼ିୟମ୍ ନ ଚାଲିଥିବା ରାଜ୍ୟସ୍ତରୀୟ ସମାରୋହଥି ଯୋଗ୍ ଦେଇଛନ୍ । ଇ ଅବ୍‌ସରେ ଶ୍ରୀ ମାଝୀ ଅନ୍ତ୍ୟୋଦୟ ଗୃହଯୋଜ୍‌ନାଥି ୫୦

ହଜାର୍‌ନୁ ଅଏତ୍‌କା ହିତାଧିକାରୀଙ୍କୁ କାର୍ଯ୍ୟାଦେଶ୍ ବାଂଟ୍‌ବାର୍ ସହେତେ ପହେଲା କିସ୍ତି ଟଙ୍କା ଦେବେ ।

ଜେ.ଏସ୍.ଡବ୍ଲୁ ଆଉ ଜେ.ଏଫ୍.ଇ.-କେନ୍ଦ୍ର ଶିକ୍ଷାମନ୍ତ୍ରୀ/ସମ୍ବଲପୁର ସମ୍ବାଦଦାତା

ଓଡ଼ିଶାକେ ଜ୍ଞାନ୍ ଆଧାରିତ୍ ଅର୍ଥନୀତି କର୍‌ବାର୍ ଉପ୍‌ରେ ସର୍‌କାର୍ ଜୋର୍ ଦଉଛନ୍ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ସମ୍ବଲ୍‌ପୁର୍ ଠାନେ  ଜେ.ଏସ୍.ଡବ୍ଲୁ ଆଉ ଜାପାନ୍‌ର ଜେ.ଏଫ୍.ଇ. ଇସ୍ପାତ୍ ନିଗମ୍ ଭିତ୍‌ରେ ଯୌଥ ଉଦ୍ୟୋଗ୍ ଥାପ୍‌ନା କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେଇକରି ମୁଖ୍ୟମନ୍ତ୍ରୀ କହିଛନ୍,

(ଭଏସ୍ ଓଭର୍- ମୁଖ୍ୟମନ୍ତ୍ରୀ)

କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେଇକରି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ କହିଛନ୍, ସମ୍ବଲ୍‌ପୁର୍ ଆଉ ଝାର୍‌ସୁଗୁଡ଼ା ଜିଲ୍ଲା ସହେତେ ଓଡ଼ିଶା ଦେଶର୍ ଅଗ୍ରଣୀ ଇସ୍ପାତ୍ ଉତ୍ପାଦନ୍ କେନ୍ଦ୍ରସ୍ଥଲୀ ହେବା । କେନ୍ଦ୍ରମନ୍ତ୍ରୀ କହିଛନ୍, ଇ ପ୍ରକଳ୍ପ ଅଧୀନ୍‌ଥି ଓଡ଼ିଶା ନ ପାଖାପାଖି ୧ ଲାଖ୍ କୋଟି ଟଙ୍କାର୍ ପୁଞ୍ଜିନିବେଶ୍ କରାଯିବା । ଯେନ୍‌ଟା ଖାସ୍ କରି

ଉଚ୍ଚମାନର୍ ଗୁଣାତ୍ମକ ଇସ୍ପାତ୍ ଉତ୍ପାଦନ୍ ଉପ୍ରେ କେନ୍ଦ୍ରୀତ୍ ରହେବା । ପ୍ରକଳ୍ପ ଅଧୀନ୍‌ଥି ଗ୍ରୀନ୍ ଷ୍ଟିଲ୍ ଉତ୍ପାଦନ୍ ଉପ୍ରେ ଜୋର୍ ଦେଇକରି ପରିବେଶ୍ ସୁରକ୍ଷା କ୍ଷେତ୍ର ନ ଅଏତ୍‌କା ଧ୍ୟାନ୍ କେନ୍ଦ୍ରୀତ କରାଯିବା । ଜେ.ଏସ୍.ଡବ୍ଲୁ ଆଉ ଜାପାନ୍‌ର ଜେ.ଏଫ୍.ଇ. ଷ୍ଟିଲ୍ କର୍ପୋରେସନ୍ ଭିତ୍‌ରେ ଇ ମିଲିତ୍ ଉଦ୍ୟୋଗ୍ ନୁ ବଛର୍‌କର୍ ଉତ୍ପାଦନ୍‌କେ ୧୦ ମିଲିୟନ୍ ଟନ୍‌କେ ବଢ଼ାବାର୍ ଯୋଜ୍‌ନା ରହିଛେ । ଶିଳ୍ପ ପ୍ରତିଷ୍ଠା ସହେତେ ସ୍ଥାନୀୟ ନିଯୁକ୍ତି, ଦକ୍ଷତା ବିକାଶ୍ ଆଉ ସାମାଜିକ୍ ସହଭାଗିତାକେ ପ୍ରାଧାନ୍ୟ ଦେବାର୍ ଲାଗି ଶ୍ରୀ ପ୍ରଧାନ୍ ଜୋର୍ ଦେଇଛନ୍ ।

ପ୍ରକଳ୍ପ ଜରିଏ ରାଜ୍ୟ ବିଶ୍ୱ ଇସ୍ପାତ୍ ମାନଚିତ୍ରଥି ଗୁଟେ ପ୍ରମୁଖ କେନ୍ଦ୍ର ଭାବେ ଉଭା ହେବା ବଲି କେନ୍ଦ୍ରମନ୍ତ୍ରୀ କହିଛନ୍ । ଇ ଅବ୍‌ସରେ ବୁର୍ଲାର ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ -ଭିସୁଟ୍ ପରିସର୍ ନ ଜୋହୋ ସ୍କିଲ୍ ହବ୍‌ର ଲୋକାର୍ପଣ୍ ହେଇଯାଇଛେ ।

ମନ୍ କି ବାତ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ରଏବାର୍ ଦିନ ସଖାଲର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ବିଚାର୍ ବିନିମୟ କର୍‌ବେ । ଇଟା ତାଙ୍କର୍ ଶହେ ୩୩ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା ।

ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଆକାଶ୍‌ବାଣୀ ଆଉ ଦୂର୍‌ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍‌ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍‌ଥି ପ୍ରସାରଣ୍ କରାଯିବା । ଆକାଶ୍‌ବାଣୀ ସମ୍ବାଦ, ଡିଡି ନ୍ୟୁଜ୍, ପିଏମ୍‌ଓ ଅଫିସ୍ ଆଉ ସୂଚନା ଆଉ ପ୍ରସାରଣ୍ ମନ୍ତ୍ରଣାଳୟର ୟୁ-ଟ୍ୟୁବ୍ ଚେନାଲ୍‌ଥି ଭିଲ୍ ଇତାର୍ ସିଧା ପ୍ରସାରଣ୍ କରାଯିବା । ପ୍ରଧାନ୍‌ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍‌ରୁ ଆଂଚଲିକ୍ ଭାଷାଥି ଇତାର୍ ପ୍ରସାରଣ୍ କରାଯିବା ।

ଅକାମୀ ଯୋଜ୍‌ନା          ଆର୍‌ଏନ୍‌ୟୁ/ କଟକ୍

ରାଏଜେ କାର୍ଯ୍ୟକାରୀ ନାଇଁ ହଉଥିବା ଉନ୍ନୟନ୍‌ମୂଲକ୍ ଯୋଜ୍‌ନା ମାନ୍‌କୁ ବନ୍ଦ୍ କର୍‌ବାର୍ ଲାଗି ସର୍‌କାର୍ ନିଷ୍ପତି ନେଇଛନ୍ । ଅତିରିକ୍ତ ମୁଖ୍ୟ ଶାସନ୍ ସଚିବଙ୍କର୍ ଅଧ୍ୟକ୍ଷତାଥି ଗଲା ୧୬ ତାରିଖ୍‌ନୁ ୩ ଦିନ୍ ଧରିକରି ଇ ବାବଦ୍ ସମୀକ୍ଷା ବୈଠକ୍ ହେଇଥିଲା । ବୈଠକ୍‌ଥି ୨୩ ଟା ବିଭାଗ୍‌ର ଯୋଜ୍‌ନା ମାନ୍‌କର୍ ସମୀକ୍ଷା କରାଯାଇକରି ଗଲା ୩ ନୁ ୪ ବଛର୍ ଭିତ୍‌ରେ ବଜେଟ୍ ଅନୁଦାନ୍ ନାଇଁ ପାଇଥିବା ଯୋଜ୍‌ନା ମାନ୍‌କେ ବନ୍ଦ୍ କରାଯିବା ବଲି ନିଷ୍ପତି ହେଇଥିଲା । କେନ୍ଦ୍ରୀୟ ଯୋଜ୍‌ନାଥି ହିତାଧିକାରୀମାନେ ସୁଫଲ୍ ପାଏବାର୍ ନେଇକରି ପଦକ୍ଷେପ୍ ନିଆଯିବା ବଲି ଅତିରିକ୍ତ ମୁଖ୍ୟ ଶାସନ୍ ସଚିବ କହିଛନ୍ ।

ବିଏସ୍‌ଏନ୍‌ଏଲ୍ ପୁରସ୍କୃତ ପି.ଆଇ.ବି.

ଭାରତ୍ ସଂଚାର୍ ନିଗମ୍ ଲିମିଟେଡ୍ -ବିଏସ୍‌ଏନ୍‌ଏଲ୍ ର ୨୦୨୫-୨୬ ଆର୍ଥିକ୍ ବର୍ଷ ଓଡ଼ିଶା ପରିମଣ୍ଡଲ୍ ସାମଗ୍ରିକ୍ ଭାବେ ଶ୍ରେଷ୍ଠ ପ୍ରଦର୍ଶନ୍ ଲାଗି ପୁରସ୍କାର୍ ପାଇଛେ । ନୂଆଦିଲ୍ଲୀ ବିଜ୍ଞାନ୍

ଭବନ୍ ଠାନେ କେନ୍ଦ୍ର ସଂଚାର୍ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ସମୀକ୍ଷା ବୈଠକ୍‌ଥି ଓଡ଼ିଶା ସେବା ରାଜସ୍ୱ ପାଖାପାଖି ଶତ୍‌କଡ଼ା ୨୧ ଭାଗ୍ ଅଭିବୃଦ୍ଧି ହାସଲ୍ ଆଉ ନିରନ୍ତର୍ ଉଚ୍ଚା ଦକ୍ଷତା ଲକ୍ଷ୍ୟ ପୁରା କର୍‌ବାର୍ ସହେତେ ସନ୍ତୁଳିତ ଉତ୍କର୍ଷ ଲାଗି ବିଏସ୍‌ଏନ୍‌ଏଲ୍- ଓଡ଼ିଶା ପରିମଣ୍ଡଲ୍‌କେ ସମ୍ମାନିତ୍ କରାଯାଇଛେ । ଉଦ୍ୟୋଗ୍ କାର୍‌ବାର୍ ନେତୃତ୍ୱ ବର୍ଗଥି ବିଏସ୍‌ଏନ୍‌ଏଲ୍ ଓଡ଼ିଶାକେ ସ୍ୱତନ୍ତ୍ର ମାନ୍ୟତା ମିଳିଛେ ।

ବିଦ୍ୟାଳୟ ଛୁଟି ଘୋଷ୍‌ନା      ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଜାରି ରହିଥିବା ଜବର୍ ଗ୍ରୀଷ୍ମପ୍ରବାହକେ ନଜର୍‌ଥି ରଖିକରି ସର୍‌କାର୍ ଆଏବା ସୋମ୍‌ବାର୍‌ଠାନୁ ସବୁ ବିଦ୍ୟାଳୟମାନ୍‌କେ ଛୁଟି ଘୋଷ୍‌ନା କରିଛନ୍ । ବିଦ୍ୟାଳୟ ଆଉ ଗଣଶିକ୍ଷା ବିଭାଗ୍‌ର ଇ ବାବଦ୍ ପ୍ରସ୍ତାବ୍‌କେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଅନୁମୋଦନ୍ କରିଛନ୍ । ଗଲାକାଏଲ୍ ସ୍ୱତନ୍ତ୍ର ରିଲିଫ୍ କମିଶନର୍‌ଙ୍କର୍ ସାଙ୍ଗେ ଆଲୋଚନା ଉତ୍‌ରୁ ମୁଖ୍ୟମନ୍ତ୍ରୀ

ଖରାଛୁଟିକେ ଅନୁମୋଦନ୍ କରିଥିବା ନେଇକରି ବିଦ୍ୟାଳୟ ଆଉ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଗଣମାଧ୍ୟମ୍‌କେ ସୂଚ୍‌ନା ଦେଇଛନ୍ ।

(ଭଏସ୍ ଓଭର୍- ନିତ୍ୟାନନ୍ଦ ଗଣ୍ଡ)

ଛାତ୍ରଛାତ୍ରୀଙ୍କର୍ ସୁରକ୍ଷାକେ ନଜରଥି ରଖିକରି ସର୍‌କାରୀ, ସର୍‌କାରୀ ଅନୁଦାନ୍‌ପ୍ରାପ୍ତ ଆଉ ବେସର୍‌କାରୀ ବିଦ୍ୟାଳୟ ବନ୍ଦ୍ ରହେବା । ହେଲେ ଆଘୋନୁ ଧାରିଜ୍ ପରୀକ୍ଷା, ଜନଗଣନା କାମ୍ ଆଉ ଅଲ୍‌ଗା ଅଫିସ୍ କାମ୍ ଆଘର୍ ବାଗିର୍ ଜାରି ରହେବା ।

ଶିଶୁମାନଙ୍କ ପାଇଁ ଅନ୍‌ଲାଇନ୍ ସୁରକ୍ଷା     ଆଇ.ଆଣ୍ଡ୍.ପି.ଆର୍

ଭୁବ୍‌ନେଶ୍ୱର୍ ଠାନେ 'ଶିଶୁମାନଙ୍କ ପାଇଁ ଅନ୍‌ଲାଇନ୍ ସୁରକ୍ଷା' ବିଷେ ଜିଲ୍ଲା ଶିକ୍ଷା ଅଧିକାରୀ ଆଉ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀମାନ୍‌କର୍ ଗୁଟେ ତାଲିମ୍ କାର୍ଯ୍ୟକ୍ରମ୍ ଆଏଜ୍ ହେଇଯାଇଛେ । ଉଦ୍‌ଘାଟନୀ ସମାରୋହଥି ଓଡ଼ିଶା ରାଜ୍ୟ ଶିଶୁ ଅଧିକାର୍ ସୁରକ୍ଷା ଆୟୋଗ- ଓଏସ୍‌ସିଇସିଆର୍ ର ଅଧ୍ୟକ୍ଷା ବବିତା

ପାତ୍ର ଅନ୍‌ଲାଇନ୍ ବିପଦ୍ ନୁ ସୁରକ୍ଷା ଦେବାର୍‌ଥି ବିଦ୍ୟାଳୟ ଆଉ ଗଣଶିକ୍ଷା ବିଭାଗ୍‌ର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପ୍‌ରେ ଆଲୋଚନା କରିଥିଲେ । ବିଦ୍ୟାଳୟ ଆଉ ଗଣଶିକ୍ଷା ବିଭାଗ୍‌ର ଆୟୁକ୍ତ ଆଉ ଶାସନ୍ ସଚିବ ଡାକ୍ତର୍ ଏନ୍. ତିରୁମାଲା ନାଏକ୍ ଶିଶୁ ଆଉ ଅଭିଭାବକ୍‌ମାନ୍‌କର୍ ଭିତ୍‌ରେ ସଚେତନତା ସୃଷ୍ଟି କରିକରି ଅନ୍‌ଲାଇନ୍ ଶୋଷଣ୍‌ନୁ ସେମାନ୍‌କୁ ସୁରକ୍ଷିତ୍ ରଖ୍‌ବାର୍‌କେ ଆହ୍ୱାନ୍ ଦେଇଥିଲେ । ଇ କାର୍ଯ୍ୟକ୍ରମ୍‌ଥି ଓଏସ୍‌ସିପିସିଆର୍, ଓସେପା ବିଦ୍ୟାଳୟ ଆଉ ଗଣଶିକ୍ଷା ବିଭାଗ୍ ଆଉ ଚାଇଲ୍ଡ୍ ଫଣ୍ଡ ଇଣ୍ଡିଆର କର୍ମକର୍ତାଙ୍କର ସହେତେ ମୋଟ୍ ୮୦ ଝନ୍ ଭାଗ୍ ନେଇଥିଲେ ।

ଆଦର୍ଶ ପ୍ରାଥମିକ ବିଦ୍ୟାଳୟ-ଜମି ଆଇ.ଆଣ୍ଡ୍.ପି.ଆର୍

ଗୋଦବରିଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜ୍‌ନା ଅଧୀନ୍‌ଥି ବିଦ୍ୟାଳୟ ତିଆରି ଲାଗି ୫ ଏକଡ୍ ଜମି ଚିହ୍ନଟ୍ କରିକରି ବିଦ୍ୟାଳୟ ଆଉ ଗଣଶିକ୍ଷା ବିଭାଗ୍‌କେ ହସ୍ତାନ୍ତର୍ କର୍‌ବାର୍‌କେ ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଳନା ବିଭାଗ୍‌ର

ଅତିରିକ୍ତ ମୁଖ୍ୟ ଶାସନ୍ ସଚିବ ଡକ୍ଟର୍ ଅରବିନ୍ଦ ପାଢ଼ୀ ସବୁ ଜିଲ୍ଲାପାଲ୍ ମାନ୍କୁ ଚିଠି ଲେଖିଛନ୍ । ବିଦ୍ୟାଳୟ ଆଉ ଗଣଶିକ୍ଷା ବିଭାଗ୍ର କ୍ଷେତ୍ରସ୍ତରୀୟ ଅଧିକାରୀଙ୍କର୍ ତାଲ୍ମେଲ୍ଥି ବିଦ୍ୟାଳୟ ତିଆରି ଲାଗି ୫ ଏକଡ଼୍ ସର୍କାରୀ ଜମି ଚିହ୍ନଟ୍ କରିକରି ବିଦ୍ୟାଳୟ ଆଉ ଗଣଶିକ୍ଷା ବିଭାଗ୍ ଆବଶ୍ୟକ ଅଧିଗ୍ରହଣ୍ ଫର୍ମ ଦାଖଲ୍ କଲେ ଚିହ୍ନଟ୍ ହେଇଥିବା ଜମି ସେ ବିଭାଗ୍କେ ହସ୍ତାନ୍ତର୍ ଲାଗି ତୁର୍ତି ପଦକ୍ଷେପ୍ ନେବାର୍କେ ନିର୍ଦ୍ଦେଶ୍ ଦିଆଯାଇଛେ ।

ରଥ ନିର୍ମାଣ ଆର୍ଏନ୍ୟୁ/ କଟକ୍

ପୁରୀ ନ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର୍ ରଥଯାତ୍ରା ଲାଗି ରଥ ତିଆରି କାମ୍ ଜୋର୍ସୋର୍ଥି ଚାଲିଛେ । ୪ ନମ୍ବର୍ ଦିନେ ଆଏଜ୍ ତିନ୍ହି ରଥ ଲାଗି ତୁମ୍ବ ତିଆରି କାମ୍ ଜାରି ରହିଛେ । କରତି ସେବକ୍ ମାନେ ଫାସି କାଠ୍ ଚିରୁଛନ୍ । ସେଆଡ଼େ ବିଶ୍ୱକର୍ମା ମହାରଣା ଆଉ ଭୋଇ ସେବକ୍ମାନେ ତୁମ୍ବମାନ୍କେ ଆକାର୍ ଦଉଛନ୍ । ଦର୍କାର୍ ପଡୁଥିବା ୪୨ ଟା ତୁମ୍ବ ଭିତ୍ରୁ ୨୧ ଟା

ମାପ ପ୍ରକାରେ ଗଢ଼ କରି କରତୀ ସେବକମାନେ ଯୁଗେଇ ଦେଉଛନ୍ । ଇସବୁ ତୁମ୍ବ ଭିତ୍ରୁ ତିନ୍‌ହି ରଥ ମହାରଣା ସେବକ୍ ମାନେ ୧୦ ଟା ତୁମ୍ବ ର ଗୋଲେଇ କାମ୍ ଶେଷ୍ କରିଛନ୍ । ଦୋଲବେଦୀ ପରିସର୍ ନ ରଥ ତିଆରି ଲାଗି ଦର୍‌କାର୍ ପଡୁଥିବା କଂଟା ତିଆର୍ କର୍‌ବାର୍‌କେ ଅସ୍ଥାୟୀ କମ୍ମାରଶାଳ ଅନୁକୁଳ ଶେଷ୍ ହେଇଛେ । ଇତାର୍‌ସହେତେ ଅରକଂଟା ନିର୍ମାଣ କାମ୍ ଜାରି ରହିଛେ ।

ବର୍‌ଗଡ଼୍ - ଧାନ୍ ଘିନା ବର୍‌ଗଡ଼୍ ସମ୍ବାଦଦାତା

ବର୍‌ଗଡ଼୍ ଜିଲ୍ଲା ନ ଡାଲୁଆ ଧାନ୍ ଘିନା କାମ୍ ମୁଲ୍ କର୍‌ବାର୍ ଲାଗି ଜିଲ୍ଲାପାଲ୍‌ଙ୍କର୍ ସମ୍ମିଳନୀ କକ୍ଷ ନ ଜିଲ୍ଲାସ୍ତରୀୟ ଧାନ୍ ସଂଗ୍ରହ କମିଟି ବୈଠକ୍ ହେଇଯାଇଛେ । ମଣ୍ଡି ମାନ୍‌କେ ପିଇବାର୍ ପାଏନ୍, ବିଶ୍ରାମଗୃହ ଆଉ ପର୍ଯ୍ୟାପ୍ତ ପରିମାଣ୍‌ର ତାର୍‌ପୋଲିନ୍ ବ୍ୟବସ୍ଥା କର୍‌ବାର୍‌କେ ନିର୍ଦ୍ଦେଶ୍ ଦିଆଯାଇଛେ । ପଂଚାୟତ୍‌ସ୍ତର୍ ନ ଧାନର୍ ଏଫଏକ୍ୟୁ ମାନ ଆଉ ଇନ୍‌ପୁଟ୍ ସବ୍‌ସିଡ଼ି ବିଷେ ଚାଷୀମାନ୍‌କୁ ସଚେତନ୍ କର୍‌ବାର୍‌କେ ନିଷ୍ପତି

ହେଇଛେ । ଆଏବା ମାସ ୧୧ ତାରିଖ୍‌ନୁ ଜିଲ୍ଲାର୍ ଶହେ ୬୪ ଟା ଧାନ୍ ଘିନା କେନ୍ଦ୍ର ଆଉ ଶହେ ୮୩ ଟା ମଣ୍ଡି ନ ସଖାଲର୍ ୬ ବଜେନୁ ୧୧ ବଜେତକ୍ ଧାନ୍ ଘିନାଯିବା । ଏବ୍‌ତକ୍ ଜିଲ୍ଲା ନ ୧ ଲାଖ୍ ୫ ହଜାର୍ ୪ ଶହ ୯୪ ଝନ୍ ଚାଷୀ ଧାନ୍ ବିକ୍‌ବାର୍‌କେ ନାଁ ପଞ୍ଜିକରଣ୍ କରିଛନ୍ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଗ୍ରୀଷ୍ମଲହରୀ ବଢୁଛେ । ଆଏବା ୨୪ ଘଂଟା ଭିତ୍‌ରେ ଜବର୍ ଗରମ୍ ଆଉ ଗୁଲ୍‌ଗୁଲି ଲାଗି ଭୁବ୍‌ନେଶ୍ୱର୍ ଆଂଚଳିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ୧୩ ଟା ଜିଲ୍ଲାକେ ସତର୍କ ସୂଚ୍‌ନା ଜାରି କରାଯାଇଛେ । ଝାର୍‌ସୁଗୁଡ଼ା ନ ଆଏଜ୍ ସବୁନୁ ଜହ ଦିନର୍ ତାତି ୪୪ ଦଶ୍‌ମିକ୍ ୮ ଡିଗ୍ରୀ ସେଲ୍‌ସିଅସ୍ ରେକର୍ଡ଼ କରାଯାଇଥିବାର୍ ବେଲେ ଟିଟିଲାଗଡ୍ ନ ୪୪, ସମ୍ବଲ୍‌ପୁର୍ ନ ୪୩ ଦଶ୍‌ମିକ୍ ୬ ଆର୍ ହୀରାକୁଦ୍ ୪୩ ଦଶ୍‌ମିକ୍ ୪ ଡିଗ୍ରୀ ସେଲ୍‌ସିଅସ୍ ରେକର୍ଡ଼ କରାଯାଇଛେ ।

ଆଏବା ୨ ଦିନ୍ ଭିତ୍‌ରେ ରାଜ୍ୟର୍ ଜିଲ୍ଲାମାନ୍‌କୁ ସବୁନୁ ଜହ ଦିନର୍ ତାପମାତ୍ରାଥି ଖାସ୍ ପରିବର୍ତନ୍‌ର ସମ୍ଭାବନା ନାଇଁନ । ଆଗ୍‌କେ ତାପମାତ୍ରା ୨ ନୁ ୪ ଡିଗ୍ରୀତକ୍ କମ୍‌ବା । ସେଆଡ଼େ ଆଏବା ୨୪ ଘଂଟା ଭିତ୍‌ରେ ଘଡ଼୍‌ଘଡ଼ି ସହେତେ ବର୍ଷା ହେଇପାରେ ବଲି ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ୬ ଟା ଜିଲ୍ଲାକେ ସତର୍କ ସୂଚ୍‌ନା ଜାରି କରାଯାଇଛେ ।